ପ୍ରତ୍ୟେକ ନମୁନା ସ୍ଥାନରୁ ୭୫୦ ଗ୍ରାମ୍‌ରୁ ୧ କିଲୋଗ୍ରାମ୍ ଓଜନର ମାଟି ସଂଗ୍ରହ କରି ବାଲତିରେ ରଖାଯାଏ । ଯଦି ଫଳବଗିଚା ଓ ଜଙ୍ଗଲ ବୃକ୍ଷ ଚାଷ କରାଯାଏ, ତେବେ ଭଅଁର କିମ୍ବା ମାଟି ସଂଗ୍ରହ ନଳୀ ବ୍ୟବହାର କରି ୧ ମିଟର ଗଭୀରରୁ ନମୁନା ମାଟି ସଂଗ୍ରହ କରାଯାଏ ।

**(ଘ) ମିଶ୍ରିତ ନମୁନା ମାଟି ସଂଗ୍ରହ :** ବାଲତିରେ ସଂଗୃହିତ ସମସ୍ତ ନମୁନା ମାଟିରୁ ଗୋଡ଼ି, ପଥର, ଗଛର ଚେର ବାଛି ମାଟିରୁ ଭଲଭାବେ ମିଶାଇ ଏକ ପଲିଥିନ୍ ସିଟ୍ ଉପରେ ମାଟିକୁ ଶୁଖାଇ ଦିଆଯାଏ । ଏହାକୁ ମିଶ୍ରିତ ନମୁନା ମାଟି କୁହାଯାଏ ।

**(ଙ) ମିଶ୍ରିତ ନମୁନା ମାଟି ପରିମାଣକୁ କମାଇବା ପ୍ରଣାଳୀ :** ମିଶ୍ରିତ ନମୁନା ମାଟି ଶୁଖିଗଲା ପରେ ପଲିଥିନ୍ ଚଦର ଉପରେ ଗୋଲ ଆକାରରେ ରଖି ତାକୁ ସମାନ ୪ଭାଗ କରି ଦିଆଯାଏ । ବିପରୀତ ଦୁଇଭାଗର ମାଟିକୁ ରଖି ଅନ୍ୟ ବିପରୀତ ୨ ଭାଗ ମାଟିକୁ ଫୋପାଡ଼ି ଦିଆଯାଏ । ପୁଣି ରଖିଥିବା ୨ଭାଗର ମାଟିକୁ ଭଲଭାବେ ମିଶାଇ ଗୋଲ କରି ଚାରିଭାଗ କରି ଦିଆଯାଏ ଏବଂ ବିପରୀତ ଦୁଇଭାଗର ମାଟିକୁ ଛାଡ଼ି ଅନ୍ୟ ଦୁଇଭାଗ ଫୋପାଡ଼ି ଦିଆଯାଏ । ଏହିପରି ପ୍ରଣାଳୀରେ ଚାଲୁରଖି ସମୁଦାୟ ମାଟିର ପରିମାଣକୁ କମାଇ ୧ କିଲୋଗ୍ରାମ୍‌ରୁ ୭୫୦ ଗ୍ରାମ୍‌କୁ ଅଣାଯାଏ । ଏହି ମାଟିକୁ ପରିଷ୍କାର କନା ବା ପଲିଥିନ୍ ମୁଣାରେ ପୁରାଇ ସମସ୍ତ ଆବଶ୍ୟକୀୟ ବିବରଣୀ ଓ ଉପଯୁକ୍ତ ପାଉଣା ସହିତ ମୃତ୍ତିକା ପରୀକ୍ଷାଗାରକୁ ପଠାଇ ଦିଆଯାଏ ।



ମିଶ୍ରିତ ମାଟିକୁ ଗୋଲାକାର ବା ଚତୁର୍ଭୁଜ ଆକାରରେ ରଖି ସମାନ ଚାରିଭାଗ କରିବା

**(ଚ) ନମୁନା ସଂଗ୍ରହ ସମୟରେ ସାବଧାନତା :**

୧. ନମୁନା ଏକକ ଓ ସେଥିରୁ କେତୋଟି ସ୍ଥାନରୁ ନମୁନା ମାଟି ସଂଗ୍ରହ କରିବା ବିଷୟରେ ସାବଧାନତାର ସହ ସ୍ଥିର କରିବା ଉଚିତ୍ ।

୨. ଅନ୍ତତଃ ହିଡ଼ ପାଖରୁ ୨ଫୁଟ୍ ଛାଡ଼ି ମାଟି ସଂଗ୍ରହ କରିବା ଉଚିତ୍ ।

୩. ପୂର୍ବ ଫସଲ ଯଦି ଧାଡ଼ିରେ ବୁଣି ସାର ପ୍ରୟୋଗ କରାଯାଇଥାଏ, ତେବେ ୨ ଧାଡ଼ିର ମଧ୍ୟବର୍ତ୍ତୀ ସ୍ଥାନରୁ ମାଟି ସଂଗ୍ରହ କରାଯାଏ ।

୪. ଜମିରେ ଖତ ଗଦା ହୋଇଥିବା ସ୍ଥାନରେ କିମ୍ବା ବିଲ ମଝିରେ ଖତ ତିଆରି ହେଉଥିବା ଜାଗାରୁ ମାଟି ସଂଗ୍ରହ କରିବା ଉଚିତ୍ ନୁହେଁ ।

୫. ଜମି ମଝିରେ ଥିବା ଖାଲୁଆ ସ୍ଥାନ ଏବଂ ଅତି ଡ଼ିପ ଜାଗାରୁ ମାଟି ସଂଗ୍ରହ କରିବା ଉଚିତ୍ ନୁହେଁ ।

୬. ନମୁନା ମାଟିକୁ ସାର ଥିବା ଘରେ କିମ୍ବା ସାର ବସ୍ତା ଉପରେ ଶୁଖାଇବା ଉଚିତ୍ ନୁହେଁ ।

୭. ନମୁନା ମାଟିରେ ଯେପରି ପାଉଁଶ ଓ ଅଳିଆ ମିଶି ନଥାଏ ସେଥିପ୍ରତି ଦୃଷ୍ଟି ଦେବା ଉଚିତ୍ ।

୮. ମାଟି ସହିତ ନମୁନା ବିବରଣୀ ପରୀକ୍ଷାଗାରକୁ ପଠାଇବା ଉଚିତ୍ ।



**ଅଧିକ ବିବରଣୀ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ସହିତ ଯୋଗାଯୋଗ କରନ୍ତୁ ।**

# ମୃତ୍ତିକା ପରୀକ୍ଷା ପାଇଁ ନମୁନା ମାଟି ସଂଗ୍ରହ ପ୍ରଣାଳୀ



**ତଥ୍ୟ**

**ଶ୍ରୀଯୁକ୍ତ ତୀର୍ଯ୍ୟକ କୁମାର ସାମନ୍ତ**
ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ)

**କୁମାରୀ ଇପ୍‌ସୀତା ମିଶ୍ର**
ବୈଜ୍ଞାନିକ (ଫସଲ ସଂରକ୍ଷଣ)

**ସଂପାଦିକା**

**ଡ. ବିନୀତା ଶତପଥୀ**
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

## କୃଷି ବିଜ୍ଞାନ କେନ୍ଦ୍ର
## ଅନୁଗୋଳ

**ମୃତ୍ତିକା ପରୀକ୍ଷାର ଆବଶ୍ୟକତା :** ମଣିଷ, ଜୀବଜନ୍ତୁଙ୍କ ପରି ଗଛ ମଧ୍ୟ ବଞ୍ଚିବା ପାଇଁ ବିଭିନ୍ନ ଖାଦ୍ୟସାର ଦରକାର କରିଥାଏ । ବାରମ୍ବାର ଫସଲ ଚାଷ କରିବା ଦ୍ୱାରା ମାଟିରୁ ଖାଦ୍ୟ ଉପାଦାନ କ୍ରମଶଃ ସରିଯାଇ ତାର ଅଭାବ ଦେଖାଯାଏ । ତେଣୁ ଫସଲ ପାଇଁ ଆବଶ୍ୟକୀୟ ଖାଦ୍ୟ ଉପାଦାନକୁ ଉପଯୁକ୍ତ ପରିମାଣରେ ଓ ଉପଯୁକ୍ତ ସମୟରେ ପ୍ରୟୋଗ କରିବା ଆବଶ୍ୟକ । ସାଧାରଣତଃ ଚାଷୀମାନେ ମୃତ୍ତିକା ପରୀକ୍ଷା ନକରି ଜମିରେ ମନଇଚ୍ଛା ସାର ପ୍ରୟୋଗ କରିବା ଦ୍ୱାରା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ମାଟି ପରୀକ୍ଷା ଦ୍ୱାରା ମାଟିର ଭୌତିକ, ରାସାୟନିକ ଓ ଜୈବିକ ଗୁଣ ଜଣା ପଡ଼ିବା ଦ୍ୱାରା ସେହି ମାଟିରେ ଥିବା ଉତ୍ପାଦିକା ଶକ୍ତି, ମାଟିରେ ଥିବା ଅଣୁଜୀବଙ୍କ ସଂପର୍କରେ ଓ ଖାଦ୍ୟସାର ବାବଦରେ ଜଣାପଡ଼ିଥାଏ ।

**ଫସଲ ପାଇଁ ଆବଶ୍ୟକୀୟ ଖାଦ୍ୟ ଉପାଦାନ :** ଫସଲ ମୁଖ୍ୟତଃ ୧୭ ପ୍ରକାର ଖାଦ୍ୟ ଉପାଦନ ଆବଶ୍ୟକ କରିଥାଏ । ସେଥି ମଧ୍ୟରୁ ଅମ୍ଳଜାନ, ଉଦ୍‌ଜାନ ଓ ଅଙ୍ଗାରକାମ୍ଳକୁ ଗଛ ଜଳ ଓ ବାୟୁରୁ ପାଇଥାଏ ଓ ଅବଶିଷ୍ଟ ଉପାଦାନ ମାଟିରୁ ପାଇଥାଏ । ଯବକ୍ଷାରଜାନ, ଫସ୍‌ଫରସ ଓ ପଟାସ ଖାଦ୍ୟସାର ଗଛ ଅଧିକ ପରିମାଣରେ ଆବଶ୍ୟକ କରୁଥିବାରୁ ଏଗୁଡ଼ିକୁ ମୁଖ୍ୟ ଖାଦ୍ୟସାର କୁହାଯାଏ । ଗନ୍ଧକ, କ୍ୟାଲ୍‌ସିୟମ ଓ ମ୍ୟାଗ୍ନେସିୟମ ଖାଦ୍ୟସାର ଗଛକୁ କମ୍ ମାତ୍ରାରେ ଆବଶ୍ୟକ ହେଉଥିବାରୁ ସେଗୁଡ଼ିକୁ ଗୌଣ ଖାଦ୍ୟସାର କୁହାଯାଏ ।

ଲୌହ, ମାଙ୍ଗାନିଜ୍, ଦସ୍ତା, ତମ୍ବା, ବୋରନ୍, ମୋଲିବ୍‌ଡ଼ୋନିଅମ୍, କ୍ଲୋରିନ୍ ଓ ନିକେଲ୍‌କୁ ଅଣୁସାର କୁହାଯାଏ । ଅମ୍ଳ ମାଟିରେ ପ୍ରୟୋଗ କରାଯାଉଥିବା ଫସ୍‌ଫରସ ମାଟିରେ ବାନ୍ଧିହୋଇ ରହିଥାଏ ଓ ଗଛକୁ ମିଳେନାହିଁ । ତେଣୁ ମାଟିକୁ ସୁଧାରିବା ପାଇଁ ଚୂନ ବା କାଗଜ କଳ ଖାଦ ପ୍ରୟୋଗ କରାଯାଇଥାଏ । ସେପରି କ୍ଷାର କିମ୍ବା ଗନ୍ଧକ ଅଭାବ ଦେଖାଯାଉଥିବା ମାଟିରେ ଜିପ୍‌ସମ ପ୍ରୟୋଗ କରାଯାଇଥାଏ ।

**ନମୁନା ମାଟିର ସଂଗ୍ରହ ପ୍ରଣାଳୀ :** ମାଟି ପରୀକ୍ଷା ପାଇଁ ଯେଉଁ ମାଟି ଜମିରୁ ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଏ, ତାକୁ ନମୁନା ମାଟି କୁହାଯାଏ । ସାଧାରଣତଃ ଏକ ଏକର ଜମି ପାଇଁ ମାତ୍ର ୧ ରୁ ୧୦ ଗ୍ରାମ ମାଟି ଆବଶ୍ୟକ ହୋଇଥାଏ, ଯାହାକି ସେହି ଜମିର ପ୍ରକୃତ ଉପସ୍ଥାପକ ହୋଇଥିବ ।

**(କ) ନମୁନା ମାଟି ସଂଗ୍ରହ ପାଇଁ ଆବଶ୍ୟକୀୟ ଉପକରଣ :** ଫାଉଡ଼ା, ଖୁରୁପି, ସ୍କେଲ, ବାଲ୍‌ତି, ପଲିଥିନ୍ ସିଟ୍, ମାଟି ସଂଗ୍ରହ ନଳୀ, ମାଟି ସଂଗ୍ରହ ଭଅଁର ।



**(ଖ) ନମୁନା ଏକକ ନିରୂପଣ :** ଯଦି ଗୋଟିଏ ବଡ଼ ଜମିର ମାଟିର ରଙ୍ଗ, ଜମିର ଉଚ୍ଚତା, ବ୍ୟବହାର କରାଯାଇଥିବା ଖତସାର ପରିମାଣ ଓ ଚାଷ କରାଯାଇଥିବା ଫସଲ ଏକା ପ୍ରକାରର ହୋଇଥାଏ, ତେବେ ସେହି ଜମିକୁ ଗୋଟିଏ ନମୁନା ଏକକ ବୋଲି ବିବେଚନା କରାଯାଏ, ଯାହାକି ୫ ଏକରରୁ ଅଧିକ ହେବା ଉଚିତ ନୁହେଁ । ଯଦି ନମୁନା ଏକକର କ୍ଷେତ୍ରଫଳ ୫ ଏକର ହୁଏ ତେବେ ସମୁଦାୟ ଜମିର ୧୫ କିମ୍ବା ୨୦ଟି ସ୍ଥାନରୁ ନମୁନା ସଂଗ୍ରହ କରି ସେଗୁଡ଼ିକୁ ମିଶାଇ ମିଶ୍ରିତ ନମୁନା କରାଯାଏ । ଯଦି ନମୁନା ଏକକର କ୍ଷେତ୍ରଫଳ ଅଧା ଏକରରୁ କମ୍ ହୁଏ ତେବେ ଅନ୍ୟୁନ ୩ଟି ଜାଗାରୁ ନମୁନା ମାଟି ସଂଗ୍ରହ କରାଯାଏ ।

**(ଗ) ନମୁନା ମାଟି ସଂଗ୍ରହର ପ୍ରଣାଳୀ :** ଚାଷ ହୋଇ ନଥିବା ଓ ଜମିରେ ପାଗ ଥିବା ସମୟରେ ନମୁନା ଏକକର ସମସ୍ତ ଅଞ୍ଚଳକୁ ଅଙ୍କାବଙ୍କା ରାସ୍ତାରେ (ଘ କିମ୍ବା ତ ଆକାରରେ) ଚାଲି ନମୁନା ସ୍ଥାନ ନିର୍ଣ୍ଣୟ କରି ଜାଗାରେ ପଡ଼ିଥିବା ଅଳିଆ, ପତ୍ର, ଘାସ, ତାଳପତ୍ର, କାଠି ଇତ୍ୟାଦିକୁ ଫାଉଡ଼ା ସାହାଯ୍ୟରେ ସଫାକରି ୧୫ସେ.ମି. ଗଭୀରରେ 'V' ଆକୃତିର ଗାତ ଖୋଳି ଦିଆଯାଏ । ଗାତ ଭିତରୁ ସମସ୍ତ ମାଟି ବାହାର କରି ପ୍ରଥମେ ଗାତଟିକୁ ସଫା କରିଦିଆଯାଏ । ସେହି ଗାତର ଗୋଟିଏ ପଟ କାନ୍ଥରୁ ଖୁରୁପି ସାହାଯ୍ୟରେ ୨ ଇଞ୍ଚ ବହଳର ମାଟି ସଂଗ୍ରହ କରାଯାଏ ।



ଫାଉଡ଼ା ସାହାଯ୍ୟରେ 'V' ଆକାରର ଗାତ



ମାଟି ସଂଗ୍ରହ ସ୍ଥାନ ନିରୂପଣ




'V' ଆକାରର ଗାତ ଦୁଇପଟ କାନ୍ଥରୁ ଖୁରୁପି ସାହାଯ୍ୟରେ ମାଟିଛେଲା ସଂଗ୍ରହ